# ଯଥାର୍ଥ ସ୍ୱାଧୀନତା ପାଇଁ ଶିକ୍ଷା

ବ୍ରିଟିଶ୍ ରାଜତ୍ୱ ସମୟରେ ଆମ ଦେଶର ଲୋକେ ବହୁ ଦୁଃଖକଷ୍ଟରେ ଥିଲେ । ଯେତେବେଳେ ସ୍ୱାଧୀନତା ଆନ୍ଦୋଳନ ହେଲା, ସେତେବେଳେ ଭାରତବର୍ଷର ଅଧିକାଂଶ ବ୍ୟକ୍ତି ଜାଣିଲେ ଯେ ସମସ୍ତ ବ୍ୟକ୍ତିଙ୍କ ଲାଗି ସ୍ୱାଧୀନତା ଆବଶ୍ୟକ । ବହୁତ ଧନ ଓ ଜନର କ୍ଷୟ ହେଲା । ତା'ପରେ ସ୍ୱରାଜ୍ୟ ମିଳିଲା । ସ୍ୱରାଜ୍ୟ ମିଳିଛି ସତ, କିନ୍ତୁ ଆମେ ଯଥାର୍ଥରେ ସ୍ୱାଧୀନ ହୋଇ ନାହୁଁ । ଏହି ଯେଉଁ ସାମାଜିକ ଓ ରାଜନୈତିକ ସ୍ୱାଧୀନତା ମିଳିଛି, ତା' ଦ୍ୱାରା ଆମେ ଯେଉଁ ବିଦେଶୀମାନଙ୍କର ପଦଦଳିତ ହୋଇଥିଲୁ ସେଥିରୁ ମୁକ୍ତ ହୋଇଛୁ । ଆମରି ଦେଶରେ ଲୋକେ ଆମକୁ ଶାସନ କରୁଛନ୍ତି; କିନ୍ତୁ ଆମର ଯେଉଁ ଯଥାର୍ଥ ପରାଧୀନତା ରହିଛି ସେ ସମ୍ବନ୍ଧେ ଆମେ ଏ ପର୍ଯ୍ୟନ୍ତ ସଚେତନ ହୋଇ ନାହୁଁ । ଆମର ଯଥାର୍ଥ ପରାଧୀନତା ହେଉଛି – ଆମେ ଯାହା ଚାହୁଁଛୁ ତାହା କରିପାରୁନୁ । ଆମେ ଅନ୍ୟ ଏକ ଶକ୍ତି ଦ୍ୱାରା ପରିଚାଳିତ ହେବାକୁ ବାଧ ହେଉଛୁ । ଆମେ ଚାହୁଁ ନାହିଁ ହିଂସା, ପରନ୍ତୁ ହିଂସା କରିବାକୁ ବାଧ ହେଉଛୁ; ଚାହୁଁ ନାହିଁ ରାଗ କିନ୍ତୁ ରାଗ କରିବାକୁ ବାଧ ହେଉଛୁ । ହିଂସା, ଦ୍ୱେଷ, ଲୋଭ, ମୋହ, ଈର୍ଷା, ବିରୋଧ ଆମେ ଚାହୁଁ ନାହିଁ, ପରନ୍ତୁ ସେମାନେ ଆମକୁ ଜୋର୍ କରି ସେମାନଙ୍କ କାର୍ଯ୍ୟରେ ଲଗାଉଛନ୍ତି । ଆମେ ଚାହୁଁ ନାହିଁ ରୋଗ, କିନ୍ତୁ ତାହା ଜବରଦସ୍ତି ଆସୁଛି । ଆମେ ବୃଦ୍ଧତ୍ୱ, ମୃତ୍ୟୁ, ଅଜ୍ଞାନତା ମଧ୍ୟ ଚାହୁଁ ନାହିଁ । ଆମେ ପ୍ରତ୍ୟେକ ବ୍ୟକ୍ତି ଏଥିରୁ ମୁକ୍ତ ହେବାକୁ ଚାହୁଁ କିନ୍ତୁ ମୁକ୍ତ ହୋଇ ପାରୁ ନାହିଁ । ଏଇ ହେଉଛି ଯଥାର୍ଥ ପରାଧୀନତା ।

ଯେଉଁ ବାହ୍ୟ ପରାଧୀନତା ଥିଲା ସେଥିରୁ ତ ଆମେ ମୁକ୍ତ ହେଲୁ, କିନ୍ତୁ ଯେଉଁଟି ଯଥାର୍ଥ ବା ଆଭ୍ୟନ୍ତରୀଣ ପରାଧୀନତା ସେଥିରୁ ଆମେ ମୁକ୍ତ ହୋଇ ନାହୁଁ । ଆଉ ଏ ପରାଧୀନତା ଯେ ଯଥାର୍ଥରେ ପରାଧୀନତା ଏ ବିଷୟରେ ଆମେ ସଚେତନ ବି ନୋହୁଁ । ସଚେତ ନ ହେବା ଯୋଗୁଁ ଏଥିରୁ ଆମେ ମୁକ୍ତ ହେବା ଲାଗି ପ୍ରଯତ୍ନ କରି ପାରୁନୁ । କିନ୍ତୁ ଆମକୁ ସଚେତନ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠକୁ ଆସି ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠକୁ ନେଇଆସିଲେ, ଯାହାଦ୍ୱାରା ଆମର ଯଥାର୍ଥ ପରାଧୀନତା ସମ୍ବନ୍ଧରେ ଆମେ ସଚେତନ ହେବୁ । ପ୍ରଥମେ ସଚେତ ହେଲେ ଯାଇ ଏହି ପରାଧୀନତାରୁ ମୁକ୍ତ ହୋଇ ଯଥାର୍ଥ ସ୍ୱାଧୀନତା ଲାଭ କରିବା ନିମନ୍ତେ ପ୍ରଯତ୍ନ କରିବୁ ।

ଏହି ସମୟ ଆସିଛି । ଯେଉଁ ପରାଧୀନତାର ଯୁଗ ଥିଲା ତାହା ଶେଷ ହୋଇଯାଇଛି । ବର୍ତ୍ତମାନ ଯଥାର୍ଥ ସ୍ୱାଧୀନତା ପ୍ରାପ୍ତ କରିବାର ଯୁଗ ଆମ ସାମନାକୁ ଆସିଛି । ଏ ଯୁଗ ନେଇ ଆସିଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ । ପରନ୍ତୁ ପରାଧୀନତା ସ୍ୱୀକାର କରିବା ଆମର ଯେଉଁ ଅଭ୍ୟାସ, ଏ ସୃଷ୍ଟି ଆରମ୍ଭ ହେବା ଦିନରୁ ତାହା ଚାଲିଆସିଛି । ଆମରି ରକ୍ତ, ମାଂସ, ଶିରା, ପ୍ରଶିରାରେ ତାହା ଏପରି ଏକତ୍ୱ ପ୍ରାପ୍ତ ହୋଇ ଯାଇଅଛି ଯେ ଆମେ ତାକୁ ଯଥାର୍ଥ ପରାଧୀନତା ବୋଲି ଭାବି ପାରୁନୁ । ବରଂ ଏ ପରାଧୀନତାକୁ ଆମେ ସ୍ୱାଧୀନତା ଧାରଣା କରି ତାକୁ ଆବାହନ କରୁଛୁ । ଏଥିରୁ ମୁକ୍ତ ହେବାକୁ ଚାହିଁବା ଦୂରରେ ଥାଉ, ପରନ୍ତୁ ସେ ପରାଧୀନତାକୁ ଆମେ ସ୍ୱାଧୀନତା ମନେ କରୁଛୁ । ଏ ହେଉଛି ଅଜ୍ଞାନତା । ଅଜ୍ଞାନତାର ବଶବର୍ତ୍ତୀ ହୋଇ ଏ ପର୍ଯ୍ୟନ୍ତ ଆମେ ପରିଚାଳିତ ହୋଇ ଆସୁଛୁ । କିନ୍ତୁ ସମୟ ଆସିଛି, ନୂତନ ଯୁଗ ଆସିବ । ନୂତନ ଯୁଗର ଧର୍ମ ହେବ ଯଥାର୍ଥ ସ୍ୱାଧୀନତା, ଯେଉଁ ସ୍ୱାଧୀନତା ହେଉଛି ଆତ୍ମମାନଙ୍କ ଜୀବନର ଲକ୍ଷ୍ୟ ଓ ଭଗବାନଙ୍କ ସଂକଳ୍ପ ତଥା ସୃଷ୍ଟି ହେବାର ମୂଳ ଉଦ୍ଦେଶ୍ୟ । ଏହି ସକାଶେ କ୍ରମବିକାଶ ଅନୁସାରେ ଆମେ ଅଗ୍ରସର ହୋଇ ଆସୁଛୁ ।

ମନର ବିକାଶ ସମାପ୍ତ ହୋଇଛି । ବର୍ତ୍ତମାନ ମନର ଊର୍ଦ୍ଧ୍ୱରେ ଯେଉଁ ଯଥାର୍ଥ ସ୍ୱାଧୀନତାର ଅବସ୍ଥା ରହିଛି ତାହା ପ୍ରାପ୍ତ କରି ପରମ ଆନନ୍ଦ, ପରମ ଜ୍ଞାନରେ ବାସ କରିବା, ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହେବାକୁ ହେବ । ଏହା ହେଉଛି ଯଥାର୍ଥ ସ୍ୱାଧୀନତାର ଅବସ୍ଥା । ଆମେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ ଓ ଅଜ୍ଞାନତାରୁ ପୂର୍ଣ୍ଣ ମୁକ୍ତ ହେବା । ଏହି ସମୟ ଆସିଛି, ଏଥିଲାଗି ଯଥାର୍ଥ ପ୍ରଯତ୍ନ କରିବା ଉଚିତ । କିନ୍ତୁ ଯେତେ ପ୍ରକାର ପ୍ରଯତ୍ନ ଅଛି ସବୁଠାରୁ ଉତ୍ତମ ହେଉଛି ଶିକ୍ଷା ।

ବାଲ୍ୟ ଅବସ୍ଥାରେ ପିଲାଙ୍କ ହୃଦୟ ବହୁତ କୋମଳ ଥାଏ, ପବିତ୍ର ଥାଏ, ସେଥିରେ ଅନ୍ୟ ସଂସ୍କାର ନ ଥାଏ । ଯଦି ଏହି ସମୟରୁ ଆମେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାଦାନ ସମ୍ବନ୍ଧେ ସଚେତନ ହେବା, ତାହା ବହୁତ ଉତ୍ତମ । ଆମର ଆଜି ପର୍ଯ୍ୟନ୍ତ ଯେଉଁ ଶିକ୍ଷା ପ୍ରଚଳିତ ହୋଇ ଆସୁଛି ତାହା ହେଉଛି ମନର ଶିକ୍ଷା । ମନ ଦ୍ୱାରା ଶିକ୍ଷାର ଅର୍ଥ ଆମେ କିଛି ବହିପତ୍ର ଅଧ୍ୟୟନ କରି ଡିଗ୍ରୀପ୍ରାପ୍ତ ହେବା ଯାହା ଫଳରେ ଆମେ ଚାକିରି କରିବା, ଅଥବା ବ୍ୟବସାୟ କରିବା, ପଇସାପତ୍ର ରୋଜଗାର କରି ପରିବାରକୁ ପରିଚାଳନା କରିବା, ଅଥବା ସୁଖ, ଶାନ୍ତିରେ ରହିବା – ଏଇ ହେଉଛି ଆମର ଉଦ୍ଦେଶ୍ୟ ।

କିନ୍ତୁ ଯଥାର୍ଥ ବିଦ୍ୟାଧ୍ୟୟନର ଉଦ୍ଦେଶ୍ୟ ଏହା ନୁହେଁ । ଯଥାର୍ଥ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ଆମର ମନ, ପ୍ରାଣ, ଶରୀର, ଆତ୍ମା ଏହି ଚାରି ସତ୍ତାର ବିକାଶ ଯାହା ଫଳରେ ଆମେ ଯଥାର୍ଥରେ ପରାଧୀନତାରୁ ମୁକ୍ତ ହେବୁ । ପ୍ରାଣର ଯେଉଁସବୁ ଗୁଣଧର୍ମ ହିଂସା, ଦ୍ୱେଷ, ଈର୍ଷା, ଲୋଭ, ବିରୋଧ, ମୋହ, ଅଜ୍ଞାନ, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଏଥିରୁ ଆମେ ମୁକ୍ତ ହେବାହିଁ ଯଥାର୍ଥ ଶିକ୍ଷା । ଯେଉଁ ନୂତନ ଯୁଗ ଆସିବ, ସେହି ନୂତନ ଯୁଗ ସକାଶେ ଆମେ ଅଗ୍ରସର ହେବା ଲାଗି ଏହି ଶିକ୍ଷା ଆବଶ୍ୟକ ।

ଏଠାରେ ପ୍ରଶ୍ନ ଉଠେ ଯଦି ଏତେ ବଡ଼ ଜିନିଷଟି ଆସିବ, ତେବେ ଏହି ଯେଉଁ ପାଠଚକ୍ର ହେଉଛି ଓ ଏହି ଛୋଟ ଛୋଟ ଦଶ କୋଡ଼ିଏଟି ପିଲାଙ୍କୁ ନେଇ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଉଛି ଏହାରି ଦ୍ୱାରା କ'ଣ ଏତେ ବଡ଼ କାର୍ଯ୍ୟ ସମ୍ଭବ ହୋଇ ପାରିବ ? ଆଚ୍ଛା, ସ୍ୱରାଜ୍ୟ ଆନ୍ଦୋଳନ ଯେତେବେଳେ ହେଲା ସେତେବେଳେ କେତେ ସଂଖ୍ୟାରେ ଲୋକ ଏଥିରେ ଯୋଗ ଦେଇଥିଲେ ? ଚାରି, ପାଞ୍ଚ ଜଣ ଆରମ୍ଭ କଲେ । କ୍ରମଶଃ ୫୦ ବର୍ଷ ଲାଗିଲା ତାକୁ ବ୍ୟାପକ ଭାବେ ପ୍ରସାରିତ କରିବାକୁ । କିନ୍ତୁ ତାହା ଥିଲା ଭୌତିକ ସ୍ୱାଧୀନତା । ଏ ଯେଉଁ ଆଭ୍ୟନ୍ତରୀଣ ସ୍ୱାଧୀନତା ସୃଷ୍ଟି ସର୍ଜନା ହେବା ଦିନୁ ଚାଲିଛି ତାହା ତ ଦୁଇ, ଚାରି ବର୍ଷରେ ହେବ ନାହିଁ, ତା' ଲାଗି ସମୟ ଦରକାର । କିନ୍ତୁ ହେବ ନିଶ୍ଚୟ । ତେଣୁ ଆମକୁ ଏହିପରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯେଉଁଠି ସୁବିଧା ହେବ ନିର୍ମାଣ କରିବା, ସମ୍ମିଳନୀ କରିବା, କ୍ୟାମ୍ପ କରିବା, ପାଠଚକ୍ର ଆଦି କରିବାକୁ ହେବ ଯାହାଦ୍ୱାରା ସେହି ସତ୍ୟ ସମ୍ବନ୍ଧେ ସଚେତନ ହେବା ଏବଂ ସେହି ସତ୍ୟକୁ ଗ୍ରହଣ କରିବା ସହଜ ହେବ । ଆଉ କିଛି ଲୋକ ଅଗ୍ରସର ହେଲେ କ୍ରମଶଃ ସେହି ରୂପାନ୍ତରକାରିଣୀ ଅତିମାନସ ଶକ୍ତି ଆସି ବ୍ୟାପକ ଭାବେ କାମ କରି ପାରିବ ଏବଂ ଆମେ ଜୀବନର ଯଥାର୍ଥ ଲକ୍ଷ୍ୟ ଆଡ଼କୁ ଗତି କରି ପାରିବା ।